The Odisha Gazette

EXTRAORDINARY

PUBLISHED BY AUTHORITY

No. 332 CUTTACK, MONDAY, FEBRUARY 6, 2023/MAGHA 17, 1944

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**S.R.O. No. 56**/2023 Dated 19-01-2023

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮ ଅଧିନିୟମ ୨ ଅନୁସାରେ ସୁନ୍ଦରଗଡ ଜିଲ୍ଲାର ୦୧ ଗୋଟି ତହସିଲର ୦୧ ଟି ପଞ୍ଚାୟତର ୦୨ ଗୋଟି ଗ୍ରାମର ର ୦.୮୩ ଏକର ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ସରସ୍ୱତୀ ନାଳ ଉପରେ ଏଚ. ଏଲ. ପୋଲ ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ (ଆର ଡବ୍ଲୁ ଡିଭିଜନ), ସୁନ୍ଦରଗଡ ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହାଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚୀତ 'କ' ତଫସିଲ ଜମି ନିମନ୍ତେ, ସୁନ୍ଦରଗଡ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ତର୍ଜମାକରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. ସରସ୍ୱତୀ ନାଳ ଉପରେ ଏଚ. ଏଲ. ପୋଲ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯାଉ ଥିବା ୦୨ ଟି ଗ୍ରାମର ଏକର ୦.୮୩ ଡି. ଜାଗା ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ।

*୨. ଏହି ପ୍ରକଳ୍ପ* ପାଇଁ ୦୨ ଟି ଗ୍ରାମ ରେ ଏକର ୦.୮୩ ଡି. ଜାଗା ଅଧିଗୃହିତ ହେବ ଏବଂ ଜିଲ୍ଲାପାଳ, ସୁନ୍ଦରଗଡ ଙ୍କ ପ୍ରଦତ୍ତ ବିବରଣୀ (ରିପୋର୍ଟ) ଅନୁଯାୟୀ ମୋଟ ୧୮ ଟି ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି ।

୩. ଏହି ପ୍ରକଳ୍ପ ନିମିତ୍ତ ଅଧିଗୃହିତ ହେଉଥିବା ଜମିର ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଏବଂ ଓଡିଶାଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ନିୟମ ଅନୁଯାୟୀ ଉଚିତ କ୍ଷତିପୂରଣ କରାଯିବ ।

୪. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ଧ୍ୟାନ ଦିଆ ଯାଇଛି ଏବଂ ଏହା ଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ।

୫. ପୂର୍ବରୁ ଏହି ଗ୍ରାମ ରେ ଅଧିଗୃହିତ ହୋଇ ଥିବା ବଳକା ଜମି ନାହିଁ। ଏହି ସରସ୍ୱତୀ ନାଳ ଉପରେ ଏଚ. ଏଲ. ପୋଲ ନିର୍ମାଣ ଦ୍ୱାରା ସାଧାରଣ ଜନତା ଏବଂ ଜମିହରାମାନେ ଉପକୃତ ହେବେ ।

୬. ପ୍ରଭାବିତ ଗ୍ରାମରେ ଜନ ଶୁଣାଣି ମଧ୍ୟ କରାଯାଇ ଅଛି। ଜିଲ୍ଲାପାଳ ସୁନ୍ଦରଗଡଙ୍କ ଦ୍ୱାରା ପ୍ରେରିତ ପତ୍ର କ୍ରମାଙ୍କ 1229/22.11.2022 ର ସମସ୍ତ ପ୍ରସ୍ତାବକୁ ବିଚାରକୁ ନେଇ ନିର୍ବାହୀ ଯନ୍ତ୍ରୀ (ଆର ଡବ୍ଲୁ ଡିଭିଜନ), ସୁନ୍ଦରଗଡ କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହ କରିବେ ।

ଓଡିଶାଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୁପଭାବରେ ଉପସ୍ଥାପିତ କରାଗଲା। ଏହାପରେ ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧ ର ଅଧିନିୟମ ୧ ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ।

**ତଫସିଲ- କ**

(ପ୍ରସ୍ତାବିତଭୂମିଅଧିଗ୍ରହଣଅନୁସୂଚୀ)

ଜିଲ୍ଲା: - ସୁନ୍ଦରଗଡ ତହସିଲ: - ଟାଙ୍ଗରପାଳି

| ଗ୍ରାମରନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ରମୋଟର କବା | ଅଧିଗ୍ରହଣହେବା କୁ ଥିବା ଜମି ର ରକବା (ଏକରରେ ) | ରୟତଙ୍କନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭. | ୮ |
| ସାନ-ପତ୍ରାପାଲି | **ଗ୍ରାମାଞ୍ଚଳ** | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତସଂଲଗ୍ନ | **୦.୪୮୦** | ଏଥିସହିତ ସଂଲଗ୍ନ |
| ଖୁଣ୍ଟଗାଁ | **ଗ୍ରାମାଞ୍ଚଳ** | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତସଂଲଗ୍ନ | **୦.୩୫୦** | ଏଥିସହିତ ସଂଲଗ୍ନ |

ସର୍ବମୋଟ ଜାଗା ଏକର ୦.୮୩ ଡି.

# ଖତିୟାନ କପି

**ମୌଜା-** ସାନ ପତ୍ରାପାଲି **ତହସିଲ-** ଟାଙ୍ଗରପାଲି **ଜିଲ୍ଲା-ସୁନ୍ଦରଗଡ**

| କ୍ରନଂ . | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ରୟତଙ୍କ ନାମ ,ପିତାଙ୍କ ନାମ , ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୯୧ | ୭୯୫ | ଗୋଡା୨- | ୦୨୮. | ୦୨୮. | ଭଏଁସା ସାଶ୍ୟାମ :ପି ,ମୁଗୁ ସା , ନିଜ ଗାଁ :ବା ,ଭୁୟାଁ :ଜା ,ସା |
| ୨ | ୧୩୬ | ୭୯୬୧୬୯୭/ | ବେ.ସା. | ୦୨୪. | ୦୦୬. | ଅଲେଖ ସା :ପି ,ଦୁଳମଣି ସା , :ବା ,କୁଳତା :ଜା ,ସନ୍ତୋଷ ସା ନିଜ ଗାଁ |
| ୩ | ୧୪୯ | ୭୯୬୧୬୯୮/ | ବେ.ସା. | ୦୨୬. | ୦୧୦. | ଭଗତ ସା :ଜା ,ନକୁଳ ସା :ପି , ,କୁଳତାବାନିଜ ଗାଁ : |
| ୪ | ୧୫୧ | ୭୯୬୧୬୯୬/ | ବେ.ସା. | ୦୨୨. | ୦୦୪. | ରାଜକୁମାରୀ ପ୍ରଧାନ :ସ୍ୱା , ଲୁରାବତୀ ,ଶଙ୍କର ପ୍ରଧାନ ,କୃଷ୍ଣବିହାରୀ ପ୍ରଧାନ ,ପ୍ରଧାନ ,ମହୁରୀ ଲାଲା ପ୍ରଧାନ ସିନ୍ଦୁଲତା ,ଆର୍ତ୍ତଲାଲ ପ୍ରଧାନ :ଜା ,ଶଙ୍କର ପ୍ରଧାନ :ପି ,ପ୍ରଧାନ କୁଲତା ବା- ନିଜ ଗାଁ : |
| **ମୋଟ ରକବା** | | | | | **୦୪୮.** | |

# ଖତିୟାନ କପି

**ମୌଜା-** ଖୁଣ୍ଟଗାଁ **ତହସିଲ-** ଟାଙ୍ଗରପାଲି **ଜିଲ୍ଲା-ସୁନ୍ଦରଗଡ**

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୧ | ୧୦୯୩ | ଗୋଡା-୨ | ୦.୫୦ | ୦.୩୦ | ଏତୁଆ ଓରାମ, ସମା ଓରାମ, ପି: ବାନିଆ ଓରାମ, ଘୁଡୁ ଓରାମ, ଚନ୍ଦ୍ରରାଏ ଓରାମ, ପି: ସମା ଓରାମ, ଜା: ଓରାମ ବା: ନିଜଗାଁ, ତଲିପଡା |
| ୨ | ୨ | ୧୦୯୪ | ଗୋଡା-୨ | ୦.୪୧ | ୦.୦୫ | ମାଳବତି ନାଏକ, ସ୍ବା: ଶୋଭାଚନ୍ଦ୍ର ନାଏକ, ଉପେନ୍ଦ୍ର ନାଏକ, ଦେବେନ୍ଦ୍ର ନାଏକ, ପି: ଜଈ ସୁନ୍ଦର ନାଏକ, ଜା: ଭୁୟାଁ ବା: ନିଜଗାଁ |
| **ମୋଟ ରକବା** | | | | | **୦.୩୫** | |

**[No. 2330--RDM-LAC-SUN-0017-2021/R&DM]**

ରାଜ୍ୟପାଳଙ୍କ ଆଦେଶକ୍ରମେ

ମଧୁସ୍ମିତା ସାହୁ

ଯୁଗ୍ମ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3350—173+0